## ଓଡିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର

### ଅଧିସୂଚନା

ନମ୍ବର- I (a)-08-2024- LAO-SBP- ୪୫୭  ତାରିଖ- 25.10.2024

ଯେହେତୁ, ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର( Appropriate Government ) ସରକାରୀ ବ୍ୟୟରେ ସମୁଦାୟ ଏକର ୦.୦୭୩ ଡିସିମିଲ ଜମି ମୌଜା ସମ୍ବଲପୁର ଟାଉନ ୟୁନିଟ ନମ୍ବର-୧୫ ଅଇଁଠାପାଲି ( ଏକର ୦.୦୩୭) ଓ ସମ୍ବଲପୁର ଟାଉନ ୟୁନିଟ ନମ୍ବର-୦୫ସାକ୍ଷୀଗୋପିନାଥ ( ଏକର ୦.୦୩୬) ରେ ନିମ୍ନ ତଫସିଲ ମତେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ( Appropriate Government ) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ , ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ : ପ୍ରକଳ୍ପ ଯନ୍ତ୍ରୀ , ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ , ସମ୍ବଲପୁର

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :କୌଣସି ପରିବାର ବିସ୍ଥାପିତ ହେଉ ନାହାନ୍ତି ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :ଏଥି ସହିତ ସଂଲଗ୍ନ କରାଗଲା ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ-ଜିଲ୍ଲାପାଳ , ସମ୍ବଲପୁର

୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ସମୁଦାୟ ଅଞ୍ଚଳ ଏକର ରେ | ଅଧିଗ୍ରହଣ କରାଯିବାକୁ ଥିବା ଅଞ୍ଚଳ ଏକର ରେ | ଲିପିବଦ୍ଧ ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ସମ୍ବଲପୁର | ସଦର | ୟୁନିଟ-୦୫ ସାକ୍ଷୀଗୋପିନାଥ | ସହରାଞ୍ଚଳ | ୫୫୯ | ୭୪୧ ରୁ | ୦.୦୭୩ | ୦.୦୩୬ | ସମାରୀ ଖଡ଼ିଆ ପି: ଶୁକ୍ରୁ ଖଡ଼ିଆ ଜା: ଖଡ଼ିଆ ବା: ନିଜଗାଁ, ଭଗବାନ ଖଡ଼ିଆ, ରାମଦାସ ଖଡ଼ିଆ ପି: ସାନକା ଖଡ଼ିଆ, କଇତା ଖଡ଼ିଆ ସ୍ୱା: ସାନକା ଖଡ଼ିଆ, ଫିକୁ ଖଡ଼ିଆ, କାନ୍ଧନା ଖଡ଼ିଆ ପି: ବୈଜା ଖଡ଼ିଆ, ପାନ ଖଡ଼ିଆ ସ୍ୱା: ବୈଜା ଖଡ଼ିଆ, ସୁକୁ ମୁନି ଖଡ଼ିଆ, ସଂଜିତ ଖଡ଼ିଆ ପି: ରଘୁ ଖଡ଼ିଆ ଜା: ଖଡ଼ିଆ ବା: ନିଜଗାଁ ପଡ଼ା କେରେଟୋଲା |
| ସମ୍ବଲପୁର | ସଦର | ୟୁନିଟ-୧୫ ଅଇଁଠାପାଲି | ସହରାଞ୍ଚଳ | ୫୫୯/୧୨୫୮ | ୧୭୬୪/୫୯୭୯ ରୁ | ୦.୧୮ | ୦.୦୩୭ | ସଂଯୁକ୍ତା ଆଚାର୍ଯ୍ୟ ସ୍ୱାମୀ –ମୋହନ ଚନ୍ଦ୍ର ଆଚାର୍ଯ୍ୟ ଜାତି-ବ୍ରାହ୍ମଣ ବା-ମନ୍ଦିର ପଡା , ବେଲପାହାଡ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ , ହସ୍ତାନ୍ତର (ଦେଣ ନେଣ ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ସମ୍ବଲପୁରଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

25/X/24

ଜିଲ୍ଲାପାଳ, ସମ୍ବଲପୁର

Memo No:-......490....................../ Date....25.10.2024.......

Copy along with the land schedule forwarded to the Director, Printing Stationary & Publication, Odisha, Cuttack with a request to publish the Notification along with the land schedule in the next issue of EOG & supply three copies of them to R&DM Department/ Collector, Sambalpur/ Secretary to RDC, ND, Sambalpur.

25/X/24

Collector, Sambalpur

Memo No:-......491....................../ Date....25.10.2024.......

Copy along with the land schedule forwarded to the District I&PR Office, Sambalpur with a request to take necessary steps for publication of the Notification along with the land schedule in two local dailies of which at least one shall be in the regional language and two copies of the said publication may please be furnished to this collectorate, Sambalpur immediately.

25/X/24

Collector, Sambalpur

Memo No:-......492....................../ Date....25.10.2024.......

Copy forwarded to the Land Acquisition Officer, Sambalpur for information and necessary action.

1. He should not take possession of the land under any circumstances before making payment of compensation to the land losers.
2. The substance of the Notification may be published in the locality immediately. Copies of such publication and the date of such publication may be informed forthwith for further course of action.
3. Publication in EOG / News paper may be watched and reported to this Collectorate with details of such publication.

25/X/24

Collector, Sambalpur

Memo No:-......493....................../ Date....25.10.2024.......

Copy forwarded to the Secretary to RDC, ND, Sambalpur/ The Joint Secretary to Govt., R&DM Department, Odisha, Bhubaneswar/ The Secretary to Govt., H&UD Department, Odisha, Bhubaneswar for information and necessary action.

25/X/24

Collector, Sambalpur

Memo No:-......494....................../ Date..25.10.2024..

Copy forwarded to the Project Engineer, OWSSB, Sambalpur/ Guard file for information and necessary action.

Sd/- 25/X/24

Collector, Sambalpur